بسم الله الرحمن الرحيم

**୧୩ ମଇ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଖିଲାଫତ୍ କାଳରେ ବିଶୃଙ୍ଖଳା, ବିଦ୍ରୋହ ଓ ବିପଥଗାମୀଙ୍କ ମୁକାବିଲାରେ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ, ତାହାର ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଖିଲାଫତ୍ କାଳରେ ଯେଉଁ ବିଶୃଙ୍ଖଳା, ବିଦ୍ରୋହର ସୂତ୍ରପାତ ହୋଇଥିଲା ତାହାର ପ୍ରତିରୋଧ କରିବାକୁ ହଜରତ ଅବୁବକର ର.ଅ କେତେକ ସୈନ୍ୟଦଳ ପ୍ରେରଣ କରିଥିଲେ । ସେହି ଆଲୋଚନା କ୍ରମରେ ହଜରତ ଖାଲିଦ୍ ବିନ୍ ୱ୍‌ଲିଦ୍ ର.ଅଙ୍କର ବୁତାହ୍ ଆଡ଼କୁ ଅର୍ଥାତ ମାଲିକ୍ ବିନ୍ ନୌଏରାଃଙ୍କ ନିକଟକୁ ଅଗ୍ରସର ହେବା ପ୍ରସଙ୍ଗରେ କହିଲେ ।

ମାଲିକ୍ ବିନ୍ ନୌଏରାଃର ସମ୍ପର୍କ ବନୁ ତମିମ୍‌ର ଏକ ଶାଖା ବନୁ ୟର୍‌ବୁ ସହିତ ଥିଲା । ସେ ୯ ହିଜରୀରେ ମଦିନା ଆସି ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲା । ହଜରତ ମୁହମ୍ମଦ ସ.ଅ ତାହାକୁ ନିଜ କବିଲା (ଦଳ)ର ଆମିଲ (ଜକାତ୍ ଆଦାୟକାରୀ) ରୂପେ ମୁତୟନ କରିଥିଲେ । କିନ୍ତୁ ହଜୁର ସ.ଅଙ୍କର ସ୍ୱର୍ଗବାସ ପରେ ଯେତେବେଳେ ଆରବରେ ବିଦ୍ରୋହର ଓ ସ୍ୱଧର୍ମରୁ ଓହରି ଯିବାର ଲହରୀ ପ୍ରବାହିତ ହେଲା ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ମଧ୍ୟ ଇସଲାମ ଧର୍ମରୁ ଓହରି ଗଲା । ଯେତେବେଳେ ତାହାକୁ ହଜୁର ସ.ଅଙ୍କ ନିଧନର ଖବର ମିଳିଲା ସେତେବେଳେ ସେ ଆନନ୍ଦ ଉତ୍ସବରେ ମାତିଗଲା । ଯେଉଁସ୍ଥଳେ ସେ ନିଜ କବିଲାରେ ଉପସ୍ଥିତ ମୁସଲମାନମାନଙ୍କୁ ଯେ ଜକାତ୍‌ର ଅର୍ଥ ମୁସଲମାନମାନଙ୍କ କେନ୍ଦ୍ରସ୍ଥଳୀ ମଦିନା ପ୍ରେରଣ କରିବାର ସମର୍ଥନକାରୀ ଥିଲେ, ସେମାନଙ୍କୁ କେବଳ ହତ୍ୟା କଲା ନାହିଁ ବରଂ ଅବତାରତ୍ୱର ମିଥ୍ୟା ଦାବିଦାର ସଜାହ୍ ସହିତ ସମ୍ମିଳିତ ହୋଇଗଲା । ଯେ କି ଏକ ବିରାଟ ସେନା ବାହିନୀ ନେଇ ମଦିନା ଉପରେ ଆକ୍ରମଣ କରିବାକୁ ବାହାରି ଥିଲା ।

ଆରବର ସର୍ବଦଳୀୟ ଖ୍ରୀଷ୍ଟଧର୍ମୀ ପୁରୋହିତ ଉମ୍ମେ ସାଦର ସଜାହ୍ ବିନତ୍ ହାରିସ୍ କବିଲା ବନୁ ତମିମ୍ ସହିତ ସମ୍ପର୍କିତ ଥିଲା । ଉକ୍ତ ମହିଳା ଜଣକ ଅବତାରତ୍ୱର ମିଥ୍ୟା ଦାବିଦାର ତଥା ବିଦ୍ରୋହୀ କବିଲାର ସରଦାର ଥିଲା, ଯେ ଆରବରେ ବିଦ୍ରୋହର ସୂତ୍ରପାତ ହେବାର କିଛି ସମୟ ପୂର୍ବରୁ ଅଥବା ସେହି ଅବଧି ମଧ୍ୟରେ ମୁଣ୍ଡ ଟେକି ଥିଲା । ସେ ଏହି ଉଦ୍ଦେଶ୍ୟରେ ଆଗକୁ ଅଗ୍ରସର ହୋଇ ଚାଲିଥିଲା ଯେ ନିଜ ସାଥିରେ ଏକ ବିଶାଳ ସେନା ବାହିନୀ ନେଇ ବନୁ ତମିମ୍‌ରେ ପହଂଚି ଯିବ ଏବଂ ଅବତାରତ୍ୱର ଘୋଷଣା କରି ତାହାର ଆନୁଗତ୍ୟ ସ୍ୱୀକାର କରିବାକୁ ଲୋକମାନଙ୍କୁ ଡ଼ାକରା ଦେବ । ଏପରି ସମ୍ପୂର୍ଣ୍ଣ କବିଲାବାସୀ ତାହାକୁ ଗ୍ରହଣ କରିନେବେ ଏବଂ ଉଐନା ପରି ବନୁ ତମିମ୍ ମଧ୍ୟ ତାହା ସଂକ୍ରାନ୍ତରେ ଏହା କହିବା ଆରମ୍ଭ କରିଦେବେ ଯେ, ବନୁ ୟର୍‌ବୁ'ର ନବୀୟା (ମହିଳା ନବୀ) କୁରୈଶର ଅବତାର ଠାରୁ ଶ୍ରେୟସ୍କର । କାରଣ ହଜରତ ମୁହମ୍ମଦ ସ.ଅଙ୍କର ଦେହାନ୍ତ ତ ଘଟି ସାରିଛି କିନ୍ତୁ ସଜାହ୍ ଏବେ ସୁଦ୍ଧା ଜୀବିତ ଅଛି ।

ସଜାହ୍ ନିଜ ସାଥିରେ ବନୁ ୟର୍‌ବୁର ସୀମାନ୍ତରେ ପହଂଚିଗଲା ଏବଂ କବିଲାର ସରଦାର ମାଲିକ୍ ବିନ୍ ନୌଏରାଃକୁ ଡ଼ାକି ତାହା ସହିତ ସନ୍ଧି ଓ ମଦିନା ଉପରେ ଆକ୍ରମଣ କରିବାକୁ ଆମନ୍ତ୍ରିତ କଲା । ଆଉ ମାଲିକ୍ ସଜାହ୍‌ର ଏହି ପ୍ରସ୍ତାବକୁ ସ୍ୱୀକାର ମଧ୍ୟ କରିନେଲା କିନ୍ତୁ ସେ ସଜାହ୍‌କୁ ମଦିନା ଉପରେ ଆକ୍ରମଣ କରିବାରୁ ନିବୃତ୍ତ ରହିବାର ପରାମର୍ଶ ଦେଲା ଏବଂ କହିଲା, ଯେ ମଦିନା ଯାଇ ହଜରତ ଅବୁବକର ସେନାର ମୁକାବିଲା କରିବା ପରିବର୍ତ୍ତେ ପ୍ରଥମେ ନିଜ କବିଲାରେ ରହିଥିବା ନିଜ ବିରୋଧୀମାନଙ୍କର ବିନାଶ କରିବା ଜରୁରୀ ।

ମାଲିକ୍‌ର ଏହି ପରାମର୍ଶକୁ ପସନ୍ଦ କରି ସଜାହ୍ ବନୁ ୟରବୁର ଅନ୍ୟ ସରଦାରମାନଙ୍କୁ ତାହା ସହିତ ସନ୍ଧି କରିବାକୁ ଆମନ୍ତ୍ରିତ କଲା କିନ୍ତୁ ଓକିଇ ବ୍ୟତୀତ କୌଣସି ବ୍ୟକ୍ତି ତାହାର ପ୍ରସ୍ତାବର ସମର୍ଥନ କଲେ ନାହିଁ, ଏଥିରେ ସେ ମାଲିକ, ଓକିଇ ଓ ନିଜ ସେନା ସହିତ ଉକ୍ତ ସରଦାରମାନଙ୍କ ଉପରେ ଆକ୍ରମଣ କରିଦେଲା । ଉଭୟ ଗୋଷ୍ଠୀ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା, ଯଦ୍ଦ୍ୱାରା ଉଭୟ ପକ୍ଷର ବହୁ ସଂଖ୍ୟକ ସୈନ୍ୟସାମନ୍ତ ନିହତ ହେଲେ ଏବଂ ପାଖପଡ଼ୋଶୀ କବିଲା ପରସ୍ପରକୁ କଏଦ କଲେ । **କିଛି ସମୟ ପରେ ମାଲିକ ଓ ଓକିଇଙ୍କୁ ଉକ୍ତ ମହିଳାର ଅନୁଗାମୀ ହେବାର ପଶ୍ଚାତାପ ହେଲା, ସେମାନେ ନିଜ ଭୁଲ ବୁଝି ପାରିଲେ ।** ବସ୍ତୁତଃ ସେମାନେ ଅନ୍ୟ ସରଦାରମାନଙ୍କ ସହିତ ସନ୍ଧି ସ୍ଥାପନ କଲେ ଏବଂ ପରସ୍ପରଙ୍କର କଏଦୀ ଫେରସ୍ତ କରିଦେଲେ ।

ନିଜ ସ୍ଥିରୀକୃତ ଉଦ୍ଦେଶ୍ୟରେ ଅସଫଳ ହେବା ଯୋଗୁଁ ସଜାହ୍ ବନୁ ତମିମ୍ ଗୋଷ୍ଠୀକୁ ନେଇ ମଦିନା ଆଡ଼କୁ ଅଗ୍ରସର ହେଲା । ସେଠାରେ ପହଂଚିବା ମାତ୍ରେ ତାହାର ଅଓ୍ୱସ୍ ବିନ୍ ଖୁଜେମାଃ ଗୋଷ୍ଠୀ ସହିତ ମୁହାଁମୁହିଁ ହୋଇଗଲା । ଯେଉଁଥିରେ ତାହାକୁ ପରାଜୟ ବରଣ କରିବାକୁ ପଡ଼ିଲା । **ଅଓ୍ୱସ୍ ଗୋଷ୍ଠୀ ସଜାହ୍‌କୁ ଏହି ସର୍ତ୍ତରେ ଛାଡ଼ି ଦେବାକୁ ରାଜି ହେଲେ ଯେ, ସେ ପ୍ରତିଜ୍ଞା କରୁ କି ସେ ମଦିନା ଆଡ଼କୁ ଅଗ୍ରସର ହେବ ନାହିଁ ।**

ସଜାହ୍‌ର ସେନାଧକ୍ଷମାନେ ମଦିନାର ମାର୍ଗ ଅବରୁଦ୍ଧ ହେବା ଦେଖି ବିଚଳିତ ହୋଇ ପଡ଼ିଲେ ଏବଂ ସଜାହ୍‌କୁ ଆଗତ ଭବିଷ୍ୟତର ଯୋଜନା ସମ୍ପର୍କରେ ପଚାରିଲେ, ଯେ ଆଗକୁ କ'ଣ କରିବା ? ଏହାର ଉତ୍ତରରେ ସେ ଐଶୀବାଣୀ ରଙ୍ଗରେ ଏକ ମୁକଫ୍‌ଫା (କବିତା) ଓ ମୁସଜ୍‌ଜା (ସୁନ୍ଦର ବାକ୍ୟ ସମ୍ବଳିତ ଲେଖା) ଉକ୍ତି କହି ସେମାନଙ୍କୁ ନିଶ୍ଚିନ୍ତ କରାଇଲା ଯେ, ଯଦିଚ ମଦିନାର ମାର୍ଗ ଆମମାନଙ୍କ ପାଇଁ ଅବରୁଦ୍ଧ ହୋଇଯାଇଛି ତଥାପି ଚିନ୍ତା କରିବାର କୌଣସି କଥା ନାହିଁ । ଆମେ ୟମାମା ଉପରେ ଆକ୍ରମଣ କରିବା, ଏପରି ସେ ନିଜ ସେନାକୁ ୟମାମା ଆଡ଼କୁ ଅଗ୍ରସର ହେବାର ଆଦେଶ ଦେଲା । ସଜାହ୍ ଯେତେବେଳେ ୟମାମାରେ ପହଂଚିଲା ସେତେବେଳେ ମୁସୈଲେମାକୁ ଚିନ୍ତା ଘାରିଲା । ସେ ବିଚାର କଲା ଯେ, ଯଦି ଆମେ ସଜାହ୍‌ର ସେନା ସହିତ ମୁକାବିଲାରେ ମାତିଯାଉ ତେବେ ତାହାର ଶକ୍ତି ଦୁର୍ବଳ ହୋଇଯିବ ଏବଂ ଇସଲାମୀୟ ସେନା ତାହା ଉପରେ ଆକ୍ରମଣ କରି ତାଙ୍କୁ ତଳିତଲାନ୍ତ କରିଦେବେ । ଆଉ ଆଖପାଖର କବିଲାମାନେ ତାହାର ଖାତିର୍ କରିବେ ନାହିଁ । ବସ୍ତୁତଃ ମୁସୈଲେମା ସଜାହ୍ ସହିତ ସନ୍ଧି କରିବାର ନିଷ୍ପତ୍ତି କଲା । ପ୍ରଥମେ ସେ ତାହା ନିକଟକୁ ଉପହାର ଓ ଭେଟି ପ୍ରେରଣ କଲା । ତା'ପରେ ଖବର ପ୍ରେରଣ କଲା କି ସେ ସ୍ୱୟଂ ତାହା ସହିତ ଭେଟିବାକୁ ଚାହୁଁଛି । ଏଥିରେ ସଜାହ୍ ମୁସୈଲେମାର ପ୍ରସ୍ତାବକୁ ସ୍ୱାଗତ ଜଣାଇ ତାହା ସହିତ ସାକ୍ଷାତ କରିବାର ଅନୁମତି ପ୍ରଦାନ କରିଦେଲା ।

ମୁସୈଲେମା ବନୁ ହନିଫାର ୪୦ଜଣ ସଦସ୍ୟଙ୍କୁ ସାଥି ନେଇ ସଜାହ୍ ନିକଟକୁ ଆସିଲା ଏବଂ ଏକାନ୍ତରେ ତାହା ସହିତ ବାର୍ତ୍ତାଳାପ କଲା । ସଜାହ୍‌କୁ ସମ୍ପୂର୍ଣ୍ଣ ରୂପେ ନିଜ ବଶୀଭୂତ କରିବା ଏବଂ ତାହାକୁ ନିଜ ସହଯାତ୍ରୀ କରିବା ପାଇଁ ସେ ଏହି ପରାମର୍ଶ ଦେଲା ଯେ ଆମେ ଦୁହେଁ ନିଜ ଅବତାରତ୍ୱକୁ ଏକ କରିଦେବା ଏବଂ ପରସ୍ପର ବିବାହ ବନ୍ଧନରେ ବାନ୍ଧି ହୋଇଗଲେ ଭଲ ହୁଅନ୍ତା । ସଜାହ୍ ତାହାର ଏହି ପ୍ରସ୍ତାବରେ ମଧ୍ୟ ରାଜି ହୋଇଗଲା । ତିନି ଦିନ କ୍ୟାମ୍ପ (ଶିବିର)ରେ ରହିବା ପରେ ସଜାହ୍ ନିଜ ସେନା ନିକଟକୁ ଫେରିଗଲା ଏବଂ ନିଜ ସାଥିମାନଙ୍କ ସହିତ ଏହି ଆଲୋଚନା କଲା ଯେ, ସେ ମୁସୈଲେମାକୁ ସତ୍‌ପଥରେ ଦଣ୍ଡାୟମାନ ଥିବା ଅନୁଭବ କରି ତାହା ସହିତ ବିବାହ କରିନେଇଛି ।

ଲୋକମାନେ ତାକୁ ପଚାରିଲେ କ'ଣ ସେ କିଛି ମହେର (ଯେଉଁ ରାଶି ବର କନ୍ୟାକୁ ପ୍ରଦାନ କରିଥାଏ) ଧାର୍ଯ୍ୟ କରିଛି ? ସେ ଉତ୍ତର ଦେଲା ମହେର ତ ଧାର୍ଯ୍ୟ ହୋଇ ନାହିଁ । ଅତଏବ ସେମାନେ ସଜାହ୍‌କୁ ପରାମର୍ଶ ଦେଲେ ଯେ ଆପଣ ଫେରି ଯାଇ ପ୍ରଥମେ ବିଧିବଦ୍ଧ ଭାବରେ ମହେରର ରାଶି ଧାର୍ଯ୍ୟ କରନ୍ତୁ । କାରଣ ଆପଣଙ୍କ ଏକ ସୁପ୍ରତିଷ୍ଠିତ ସମ୍ଭ୍ରାନ୍ତବର୍ଗ ସହିତ ସମ୍ପର୍କ ରଖୁଥିବା ମହିଳା ବିନା ମହେରରେ ବିବାହ କରିବା ଆପଣଙ୍କୁ ସୁନ୍ଦର ଦିଶୁ ନାହିଁ । ବସ୍ତୁତଃ ସଜାହ୍ ମୁସୈଲେମା ନିକଟକୁ ଫେରିଗଲା ଏବଂ ତାହାକୁ ନିଜ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କଲା । ଏଥିରେ ମୁସୈଲେମା ତାହା ଖାତିର ଇଶା ଓ ଫଜର୍ ନମାଜରେ କୋହଳ କରିବା ତ ଦୂରେ ଆଉ ଉକ୍ତ ଦୁଇ ନମାଜକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଲା । ଏହିପରି ସେ ୟମାମାର ଭୂଖଣ୍ଡରୁ ଆସୁଥିବା କର'ର ଅର୍ଦ୍ଧେକ ଅଂଶ ସଜାହ୍‌କୁ ପ୍ରେରଣ କରିବାର

(କଥା) ଦେଲା । ସେଥିଅନ୍ତେ ସଜାହ୍ ବନୁ ତଗଲବ୍‌ରେ ଅବସ୍ଥାନ କଲା, ପରେ ସେ କ୍ଷମା ଭିକ୍ଷା କରି ଇସଲାମ ଧର୍ମରେ ଦୀକ୍ଷିତ ହୋଇ ଯାଇଥିଲା । ଏପରିକି ହଜରତ ଅମିର ମୁଆୱିୟା ଦୁର୍ଭିକ୍ଷ ସମୟରେ ତାହାକୁ ତାହା ଗୋଷ୍ଠୀ ସହିତ ବନୁ ତମିମ୍ ଆଡ଼କୁ ପ୍ରେରଣ କରି ଦେଇଥିଲେ । ଯେଉଁଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମୁସଲମାନ ଅବସ୍ଥାରେ ରହିଥିଲା ।

ହଜରତ ଅବୁବକର[ର.ଅ] ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ [ର.ଅ]ଙ୍କୁ ଆଦେଶ ଦେଲେ ତୁଲୈହା ଅସଦୀର ପ୍ରସଙ୍ଗ ସମାଧାନ କରିବା ପରେ ଆପଣ ମାଲିକ୍ ବିନ୍ ନୌଏରାଃର ମୁକାବିଲା କରିବାକୁ ଚାଲିଯିବ । ଯେ ବତାହ୍ ସ୍ଥାନରେ ଅବସ୍ଥାନ କରୁଅଛି । ଆପଣ[ର.ଅ] ସେଠାରେ ପହଂଚି କାହାରିକୁ ପାଇଲେ ନାହିଁ, ତେଣୁ ଆପଣ ବିଭିନ୍ନ ସୈନ୍ୟଦଳ ଏଣେତେଣେ ପ୍ରେରଣ କରିଦେଲେ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଯେଉଁସ୍ଥଳେ କାହାରିକୁ ଭେଟିବ ସର୍ବପ୍ରଥମେ ତାହାକୁ ଇସଲାମ ପ୍ରତି ଆମନ୍ତ୍ରିତ କରିବ । ଯେ ଏହାର ଉତ୍ତର ନଦେବ ତାହାକୁ ବନ୍ଦୀ କରି ଆଣିବ ଏବଂ ଯେ ତୁମର ମୁକାବିଲା କରିବ ତାହାକୁ ହତ୍ୟା କରିଦେବ । ସେହି ଦଳମାନଙ୍କ ମଧ୍ୟରୁ ଗୋଟିଏ ଦଳ ମାଲିକ୍ ବିନ୍ ନୌଏରାଃ ଅଭିମୂଖେ ପ୍ରେରଣ କରାଯାଇଥିଲା । ଉକ୍ତ ଦଳଟି ମାଲିକ୍ ସହିତ ବନୁ ସଆଲବାଃ ବିନ୍ ୟର୍‌ବୁ'ର କିଛି ଲୋକମାନଙ୍କୁ କଏଦ୍ କରି ଘେନି ଆଣିଥିଲେ ।

**ମାଲିକ୍ ବିନ୍ ନୌଏରାଃର ହତ୍ୟା ସମ୍ପର୍କରେ ଦୁଇ ପ୍ରକାରର ବର୍ଣ୍ଣନା ମିଳୁଅଛି-**

ଗୋଟିଏ ବର୍ଣ୍ଣନାନୁଯାୟୀ ସେଦିନ ରାତିରେ ଭୀଷଣ ଶୀତ ପଡୁଥିଲା ଯେତେବେଳେ ଶୀତ ଉଗ୍ର ରୂପ ନେଲା ସେତେବେଳେ ହଜରତ ଖାଲିଦ୍ ଏହି ଘୋଷଣା କଲେ ! ଅଦ୍‌ଫିଉ ଅସ୍‌ରାକୁମ୍ ଅର୍ଥାତ ନିଜ କଏଦୀମାନଙ୍କୁ ଉଷ୍ଣତା ପ୍ରଦାନ କର । କିନ୍ତୁ ବନୁ କିନାନ୍‌ର ଲୋକକଥାରେ ଉକ୍ତ କଥନର ଅର୍ଥ ସେମାନଙ୍କୁ ହତ୍ୟା କରିବା ଥିଲା । ଅତଏବ ସିପାହୀମାନେ ଆଂଚଳିକ ଭାଷା ଅର୍ଥରେ ବୁଝି ସମସ୍ତ କଏଦୀମାନଙ୍କୁ ହତ୍ୟା କରିଦେଲେ । ଯେତେବେଳେ ହଜରତ ଖାଲିଦ୍ [ର.ଅ]ଙ୍କୁ ରୋଦନ ଓ ଚିତ୍କାରର ସ୍ୱର ଶୁଭିଲା । ଆପଣ ପଦାକୁ ବାହାରି ଆସିଲେ କିନ୍ତୁ ସେତେବେଳକୁ ସିପାହୀମାନେ ସମସ୍ତ କଏଦୀମାନଙ୍କୁ ହତ୍ୟା କରିସାରି ଥିଲେ । ସେଥିଅନ୍ତେ ଆଉ କ'ଣ ବା ହୋଇପାରିଥାନ୍ତା, ଆପଣ[ର.ଅ] କହିଲେ; ଅଲ୍ଲାଃ ଯେଉଁ କାର୍ଯ୍ୟ କରିବାକୁ ସ୍ଥିର କରିନିଅନ୍ତି ତାହା ସୁନିଶ୍ଚିତ ରୂପେ ଘଟିଥାଏ ।

ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଖାଲିଦ୍[ର.ଅ] ମାଲିକ୍ ବିନ୍ ନୌଏରାଃଙ୍କୁ ନିଜ ନିକଟକୁ ଡ଼କାଇଲେ । ସଜାହ୍ ସହିତ ମିଳିତ ହୋଇ ଷଡ଼ଯନ୍ତ୍ର କରିବା ଏବଂ ଜକାତ୍ ଦେବାକୁ ମନା କରିଦେବା ଆଦି କଥା ତାହାକୁ ସ୍ମରଣ କରାଇ କହିଲେ କ'ଣ ତୁମକୁ ଜଣା ନାହିଁ ଯେ **ଜକାତ୍ ନମାଜର ସାଥି ଅଟେ ।** ସେ ଉତ୍ତର ଦେଲା ତୁମ ସାହେବଙ୍କର ଏହି ଚିନ୍ତାଧାରା ଥିଲା ଅର୍ଥାତ ସେ ହଜରତ ମୁହମ୍ମଦ[ସ.ଅ] କହିବା ପରିବର୍ତ୍ତେ ସାହେବ ଅଥବା ସାଥି କହିଲା । ହଜରତ ଖାଲିଦ୍[ର.ଅ] ପୁନଶ୍ଚ କହିଲେ; ସେ ଆମର ସାହେବ ଅଟନ୍ତି । ତୁମର ସାହେବ ନୁହଁ ? ତା'ପରେ ଆପଣ[ର.ଅ] ହଜରତ ଜରାର [ର.ଅ]ଙ୍କୁ ତାହାର ଶିର ଛେଦ କରିବାର ଆଦେଶ ଦେଲେ ।

ଇତିହାସର ବର୍ଣ୍ଣନାନୁଯାୟୀ ଏହି ପ୍ରସଙ୍ଗରେ ଅବୁ କତାଦାଃ[ର.ଅ] ଓ ହଜରତ ଖାଲିଦ [ର.ଅ]ଙ୍କ ମଧ୍ୟରେ ବଚସା ହେଲା । ଅବୁ କତାଦାଃ[ର.ଅ] ଏହି ପ୍ରସଙ୍ଗରେ ହଜରତ ଖାଲିଦ [ର.ଅ]ଙ୍କ ସହିତ ଭିନ୍ନମତ ରଖି ମୁସଲମାନ ସେନାକୁ ଛାଡ଼ି ହଜରତ ଅବୁବକର [ର.ଅ]ଙ୍କ ନିକଟକୁ (ମଦିନା) ଚାଲିଆସିଲେ ଏବଂ ହଜରତ ଖାଲିଦ [ର.ଅ]ଙ୍କର ଅଭିଯୋଗ କଲେ, ଯେ ସେ ମାଲିକ୍ ବିନ୍ ନୌଏରାଃଙ୍କୁ ହତ୍ୟା କରାଇ ଦେଇଛନ୍ତି । ଯେତେବେଳେ କି ସେ ମୁସଲମାନ ହୋଇଯାଇଥିଲା । ହଜରତ ଅବୁବକର[ର.ଅ] ଅବୁ କତାଦାଃ [ର.ଅ]ଙ୍କର ଏହିଭଳି ଆଚରଣ ଅର୍ଥାତ ସେନାଧ୍ୟକ୍ଷ ହଜରତ ଖାଲିଦ୍ [ର.ଅ]ଙ୍କ ବିନା ଅନୁମତିରେ ସେଠାରୁ ମଦିନା ଆସିବାକୁ ନେଇ ତାଙ୍କ ଉପରେ ଭୀଷଣ ରୂପେ କ୍ରୋଧିତ ହେଲେ । ଏବଂ ତାଙ୍କୁ ନିଜ ସ୍ଥାନକୁ ଫେରିଯିବାକୁ ଆଦେଶ ଦେଲେ । ତବ୍‌ରୀର ଇତିହାସ ପୃଷ୍ଠାରେ ଅତିରିକ୍ତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ ହଜରତ ଉମର[ର.ଅ] ହଜରତ ଅବୁବକର [ର.ଅ]ଙ୍କ ସେବାରେ ନିଜ ମତ ପ୍ରକାଶ କଲେ ଯେ, ହଜରତ ଖାଲିଦ୍ ଜଣେ ମୁସଲମାନର ରକ୍ତ ବୁହାଇବା ଅପରାଧରେ ସଂଶ୍ଳିଷ୍ଟ । ଯଦି ଏକଥା ପ୍ରମାଣିତ ନହୁଏ ତଥାପି ଜଣକର ହତ୍ୟା ହେବା ଘଟଣା ତ ସତ୍ୟ । ଏହି ପ୍ରସଙ୍ଗ ହଜରତ ଉମର[ର.ଅ] ବାରମ୍ବାର ଉତ୍‌ଥାପିତ କରିବାରୁ ଶେଷରେ ହଜରତ ଅବୁବକର[ର.ଅ] କହିଲେ; ହେ ଉମର ! ଏହି

ପ୍ରସଙ୍ଗରେ ନିରବତା ରକ୍ଷା କର । କାରଣ ହଜରତ ଅବୁବକର[ର.ଅ] ନିଜ ଅମିର ଓ ସେନାଧକ୍ଷମାନଙ୍କୁ କଦାପି କଏଦ୍ କରିବାକୁ ପସନ୍ଦ କରୁ ନଥିଲେ । ଆପଣ ଅଧିକନ୍ତୁ କହିଲେ; ହଜରତ ଖାଲିଦ୍ [ର.ଅ]ଙ୍କ ଦ୍ୱାରା ପ୍ରୟାସଗତ ତ୍ରୁଟି ସାଧିତ ହୋଇଛି । ତୁମେ ତାଙ୍କ ପ୍ରସଙ୍ଗରେ କିଛି କୁହ ନାହିଁ । ହଜରତ ଅବୁବକର[ର.ଅ] ମାଲିକ୍ ବିନ୍ ନୌଏରାଃ ହତ୍ୟାର କ୍ଷତିପୂରଣ ପୈଠ କରିଦେଲେ । ସେଥିଅନ୍ତେ ଆପଣ[ର.ଅ] ହଜରତ ଖାଲିଦ୍ [ର.ଅ]ଙ୍କୁ ପତ୍ର ଲେଖି ମଦିନା ଡ଼କାଇଲେ । ସେ ମଦିନା ଆସି ଉକ୍ତ ଘଟଣାର ସମସ୍ତ ସତ୍ୟାସତ୍ୟ (ଖିଲାଫତ୍ ଦରବାରରେ) ବୃତାନ୍ତ କରିଥିଲେ ଏବଂ ହଜରତ ଅବୁବକର [ର.ଅ]ଙ୍କ ଠାରୁ କ୍ଷମା ଭିକ୍ଷା କଲେ ଯାହାକୁ ଆପଣ[ର.ଅ] ସ୍ୱୀକାର କରିନେଲେ ।

ଶରାଃ ମୁସଲିମ୍‌ରେ ଇମାମ୍ ନୁରୀ ଦର୍ଶାଇଛନ୍ତି; ହଜରତ ଅବୁବକର[ର.ଅ] ମାଲିକ୍ ବିନ୍ ନୌଏରାଃ ପ୍ରସଙ୍ଗରେ ବିଶେଷ ଅନୁସନ୍ଧାନ କରାଇ ଥିଲେ ଏବଂ ଏହି ପରଣାମରେ ଉପନୀତ ହେଲେ ଯେ ହଜରତ ଖାଲିଦ[ର.ଅ] ମାଲିକ୍‌ର ହତ୍ୟା ହେବା ମାମଲାରୁ ସମ୍ପୂର୍ଣ୍ଣ ରୂପେ ନିର୍ଦୋଶ । ଆପଣ ଅନ୍ୟମାନଙ୍କ ତୁଳନାରେ ଜଣେ ଖଲିଫା ଦୃଷ୍ଟିକୋଣରୁ ସମସ୍ତ ବିଷୟ ବେଶ୍ ଭଲ ଭାବରେ ଅବଗତ ଥିଲେ ଏବଂ ଅତି ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ଅଧିକନ୍ତୁ ଆପଣଙ୍କ ବିଶ୍ୱାସ ମଧ୍ୟ ସମସ୍ତଙ୍କ ଉପରେ ପ୍ରଭାବଶାଳୀ ଥିଲା । ଖାଲିଦ୍ [ର.ଅ]ଙ୍କ ପ୍ରସଙ୍ଗରେ ଆପଣ[ର.ଅ] ହଜୁର [ସ.ଅ]ଙ୍କ ପନ୍ଥା ଅବଲମ୍ବନ କରିଥିଲେ ।

ହଜରତ ଖାଲିଦ [ର.ଅ]ଙ୍କ ସଂକ୍ରାନ୍ତରେ ଆଉ ଏକ ଆପତ୍ତି ଏହା ମଧ୍ୟ କରାଯାଏ ଯେ ସେ ଯୁଦ୍ଧ ସମୟରେ ନିହତ (ମାଲିକ୍)ର ପତ୍ନୀ ଉମ୍ମେ ତମିମ୍ ଲୈଲା ବିନତ୍ ମିନ୍‌ହାଲ ସହିତ ବିବାହ କରିବାରେ (ତାଙ୍କ) ଇଦ୍ଦତ୍‌ର ଅବଧି ଅତିବାହିତ ହେବାର ମଧ୍ୟ ଅପେକ୍ଷା କରି ନଥିଲେ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ, ଏହି ପ୍ରସଙ୍ଗରେ ଦୃଷ୍ଟାନ୍ତ ଶାହ୍ ଅବଦୁଲ୍ ଅଯିଯ୍ ଦିଲ୍ଲୀ[ର.ଅ] ବର୍ଣ୍ଣନା କରିଛନ୍ତି; ପ୍ରକୃତ ପକ୍ଷେ ଏହି କଥନ ହିଁ ସମ୍ପୂର୍ଣ୍ଣ ରୂପେ ମନଗଢ଼ା ଅଟେ । ମାଲିକ୍ ବିନ୍ ନୌଏରାଃ ତ ନିଜ ପତ୍ନୀକୁ ବହୁ ପୂର୍ବରୁ ହିଁ ତଲାକ୍ ଦେଇ ସାରିଥିଲା । କିନ୍ତୁ ଅନ୍ଧକାର ଯୁଗର ପ୍ରଥା ପାଳନ କରି ସେ ତାକୁ ଏମିତି ନିଜ ଘରେ ରଖିଥିଲା । ଯେଉଁ କୁପ୍ରଥାର ପବିତ୍ର କୁରଆନ ଏହି ଶବ୍ଦରେ ଉଚ୍ଛେଦ କରିଛି, ଓ୍ୱଇଜା ତଲ୍‌ଲକ୍‌ତୁମୁନ୍ ନିସାଆ ଫବଲଗ୍‌ନା ଅଜଲହୁନ୍ନା ଫଲାତାଜୁଲୁହୁନ୍ନା (ସୁରେ ବକରା :୨୩୩) ଅର୍ଥାତ ତୁମେମାନେ ନିଜ ପତ୍ନୀମାନଙ୍କୁ ତଲାକ୍ ଦେବା ପରେ ଯେତେବେଳେ ସେମାନେ ନିଜ ଇଦ୍ଦତ୍ ପୂରଣ କରିନେଇ ନିଅନ୍ତି ସେତେବେଳେ ତାଙ୍କୁ ଆଉ (ନିଜ ଘରେ) ଅଟକାଇ ରଖ ନାହିଁ । ସୁତରାଂ ସେହି ମହିଳାଙ୍କ ଇଦ୍ଦତ୍ ତ କାହିଁ କେତେ ଦିନରୁ ଶେଷ ହୋଇ ଯାଇଥିଲା ଏବଂ ତାଙ୍କୁ ବିବାହ କରିବାରେ କୋଣସି ବାଧା ନଥିଲା । ମାଲିକ୍ ତ ଏକ କୁପ୍ରଥା ଅନୁଯାୟୀ ତାକୁ ତଲାକ୍ ଦେଇ ନିଜ ଘରେ ରଖିଥିଲା ।

ହଜରତ ଖାଲିଦ [ର.ଅ]ଙ୍କର ବନୁ ହନିଫା ମୁକାବିଲା ଉଦ୍ଦେଶ୍ୟରେ ୟମାମା ଆଡ଼କୁ ଅଗ୍ରସର ହେବା ବାବଦରେ ଲେଖା ରହିଛି ଯେ, ହଜରତ ଅବୁବକର[ର.ଅ] ଆପଣଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ କବିଲା ଅସଦ୍, ଗତ୍‌ଫାନ୍ ଓ ମାଲିକ୍ ବିନ୍ ନୌଏରାଃ ଇତ୍ୟାଦିଙ୍କ ମାମଲା ସମାଧାନ କରିବା ପରେ ୟମାମା ଆଡ଼କୁ ଅଗ୍ରସର ହେବ ଏବଂ ଆପଣ[ର.ଅ] ତାଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ । ଶରିକ୍ ବିନ୍ ଅବାଦାଃ [ର.ଅ]ଙ୍କର ସଂକ୍ଷିପ୍ତ ବ୍ୟାଖ୍ୟା ବର୍ଣ୍ଣନା କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ୟମାମା ଯୁଦ୍ଧର ଚର୍ଚ୍ଚା ଇନ୍ନଶା ଅଲ୍ଲାଃ ଆସନ୍ତାରେ କରିବି ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

13th May 2022